## Hon’ble Governor released the Annual Book “The Digital Pathway” of NIC, Odisha

Hon'ble Governor, Odisha Shri Raghubar Das released the Annual Book 2023-24 of National Informatics Centre (NIC), Odisha named as “Digital Pathway – Enabling eGovernance Platforms” in a function organised on 23rd July 2024 for the purpose at Raj Bhawan, Odisha.

**News clips**

ଓଡ଼ିଶାର ଏକମାତ୍ର ନିରପେକ୍ଷ ଦୈନିକ
ପ୍ରଗତିବାଦୀ
ପ୍ରତିଷ୍ଠାତା ପ୍ରଦ୍ୟୁମ୍ନ ବଳ ■ FOUNDER PRADYUMNA BAL
PRAGATIVADI

# ରାଜ୍ୟପାଳଙ୍କ ଦ୍ୱାରା ଏନଆଇସିର ବାର୍ଷିକ ପୁସ୍ତକ ଲୋକାର୍ପଣ



■ ଭୁବନେଶ୍ୱର, ତା୨୩।୭(ପିଏନଏସ): ରାଷ୍ଟ୍ରୀୟ ସୂଚନା ବିଜ୍ଞାନକେନ୍ଦ୍ର ଓଡ଼ିଶା ପକ୍ଷରୁ ବାର୍ଷିକ ପୁସ୍ତିକା 'ଦି ଡିଜିଟାଲ ପାଥ୍ୱେ'କୁ ରାଜ୍ୟପାଳ ରଘୁବର ଦାସ ଲୋକାର୍ପଣ କରିଛନ୍ତି। ମଙ୍ଗଳବାର ରାଜଭବନ ସଭାକକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରର ଓଡ଼ିଶା ଉପମହାନିର୍ଦ୍ଦେଶକ ତଥା ରାଜ୍ୟ ସୂଚନା ବିଜ୍ଞାନ ଅଧିକାରୀ ଡକ୍ଟର ଅଶୋକ କୁମାର ହୋତା ବିଗତବର୍ଷର କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ।

ଏହି ଅବସରରେ ରାଜ୍ୟପାଳ ଏନ୍ଆଇସି ଦ୍ୱାରା ରାଜସ୍ୱ, ପରିବହନ, କୃଷି, ଅବକାରୀ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଇ-ଡିଷ୍ଟ୍ରିକ୍ଟ୍, ଇ-କାଉନସେଲିଂ, ଇ-ବିଧାନସଭା ଓ ଇ-ପଂଚାୟତ ସଭା ଆଦି କ୍ଷେତ୍ରରେ କରାଯାଇଥିବା ଉଲ୍ଲେଖନୀୟ କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିଥିଲେ। ନୂତନ ଜ୍ଞାନକୌଶଳ ତଥା କୃତ୍ରିମ ବୁଦ୍ଧିମତ୍ତା, ଡାଟା ଏନାଲିଟିକ୍ସ, ବ୍ଲକଚେନ୍ ଏବଂ ଜିଆଇଏସ ଆଦିର ପ୍ରୟୋଗ ମାଧ୍ୟମରେ ସୂଚନା ବିଜ୍ଞାନ କେନ୍ଦ୍ର ସରକାରଙ୍କର ବିଭିନ୍ନ ସେବାକୁ ଲୋକାଭିମୁଖୀ କରିପାରିଛି। ବ୍ୟାଙ୍କ ଜମାଖାତାକୁ ସିଧାସଳଖ ବେନିଫିଟ୍ ଟ୍ରାନ୍ସଫର ମାଧ୍ୟମରେ ସରକାରଙ୍କୁ ଜନସାଧାରଣଙ୍କୁ ଯୋଡ଼ିବାରେ ଏହା ସଫଳ ହୋଇପାରିଛି। ଆଗାମୀ ଦିନରେ ଅଧିକରୁ ଅଧିକ ସୂଚନା ବିଜ୍ଞାନ ଆଧାରିତ ସେବାକୁ ପ୍ରଦାନ କରିବା ଦିଗରେ ଏହି କେନ୍ଦ୍ରର ପ୍ରଚେଷ୍ଟାକୁ ରାଜ୍ୟପାଳ ସ୍ୱାଗତ କରିଥିଲେ। ଏହି ଅବସରରେ ଡକ୍ଟର ପବିତ୍ରାନନ୍ଦ ପଟ୍ଟନାୟକ, ସୁରେନ୍ଦ୍ର ନାଥ ବେହେରା, ମଳୟକୁମାର ଦାସ, ମମତା ଖମାରୀ ଓ ମଳୟକୁମାର ପଟ୍ଟନାୟକ ପ୍ରମୁଖ ବୈଜ୍ଞାନିକମାନେ ଉପସ୍ଥିତ ଥିଲେ।

ପ୍ରମେୟ
THE PRAMEYA
RNI REGD NO: ODIODI/2011/37619 · POSTAL REGD NO: BN/208/23-25
24 JULY 2024 WEDNESDAY
୨୪ ଜୁଲାଇ ୨୦୨୪ ବୁଧବାର

# ରାଜ୍ୟପାଳଙ୍କ ଦ୍ୱାରା ଏନଆଇସିର ବାର୍ଷିକ ପୁସ୍ତିକା ପାଠକାର୍ପଣ



ଭୁବନେଶ୍ୱର,୨୩।୭(ବ୍ୟୁରୋ): ରାଜଭବନ ସଭାକକ୍ଷରେ ରାଜ୍ୟପାଳ ରଘୁବର ଦାସ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର, ଓଡ଼ିଶା ୨୦୨୩-୨୪ର ବାର୍ଷିକ ପୁସ୍ତିକା 'ଦି ଡିଜିଟାଲ ପାଥ୍‌ୱେ'ର ପାଠକାର୍ପଣ କରିଛନ୍ତି। ଏହି ଅବସରରେ ଏନଆଇସି, ଓଡ଼ିଶାର ଉପମହାନିର୍ଦ୍ଦେଶକ ତଥା ରାଜ୍ୟ ସୂଚନା ବିଜ୍ଞାନ ଅଧିକାରୀ ଡ. ଅଶୋକ କୁମାର ହୋତା ବିଗତ ବର୍ଷର କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ରାଜ୍ୟପାଳ ଏନଆଇସି ଦ୍ୱାରା କରାଯାଇଥିବା ଉଲ୍ଲେଖନୀୟ କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ଡ. ପବିତ୍ରାନନ୍ଦ ପଟ୍ଟନାୟକ, ସୁରେନ୍ଦ୍ର ନାଥ ବେହେରା, ମଳୟ କୁମାର ଦାସ, ମମତା ଖମାରୀ ଏବଂ ମଳୟ କୁମାର ପଟ୍ଟନାୟକ ପ୍ରମୁଖ ବୈଜ୍ଞାନିକ ଉପସ୍ଥିତ ଥିଲେ।

ସମୟ SAMAYA

# ରାଜ୍ୟପାଳଙ୍କ ଦ୍ୱାରା ଏନ୍‌ଆଇସିର ବାର୍ଷିକ ପୁସ୍ତକ ଲୋକାର୍ପଣ

ଭୁବନେଶ୍ୱର, (ସବ୍ୟୁ): ରାଷ୍ଟ୍ରୀୟ ସୂଚନା ବିଜ୍ଞାନକେନ୍ଦ୍ର ଓଡ଼ିଶା ପକ୍ଷରୁ ବାର୍ଷିକ ପୁସ୍ତିକା ଦି ଡିଜିଟାଲ ପାଥ୍‌ୱେକୁ ରାଜ୍ୟପାଳ ରଘୁବର ଦାସ ଲୋକାର୍ପଣ କରିଛନ୍ତି । ରାଜଭବନ ସଭାକକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରର ଓଡ଼ିଶା ଉପ-ମହାନିର୍ଦ୍ଦେଶକ ତଥା ରାଜ୍ୟ ସୂଚନା ବିଜ୍ଞାନ ଅଧିକାରୀ ଡକ୍ଟର ଅଶୋକ କୁମାର ହୋତା ବିଗତବର୍ଷର କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ରାଜ୍ୟପାଳ ଏନ୍.ଆଇ.ସି. ଦ୍ୱାରା ରାଜସ୍ୱ, ପରିବହନ, କୃଷି, ଅବକାରୀ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଇ-ଡିଷ୍ଟ୍ରିକ୍ଟ୍, ଇ-କାଉନସେଲିଂ, ଇ-ବିଧାନସଭା ଓ ଇ-ପଂଚାୟତ ସଭା ଆଦି କ୍ଷେତ୍ରରେ କରାଯାଇଥିବା ଉଲ୍ଲେଖନୀୟ କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିଥିଲେ । ନୂତନ ଜ୍ଞାନକୌଶଳ ତଥା କୃତ୍ରିମ ବୁଦ୍ଧିମତ୍ତା, ଡାଟା ଏନାଲିଟିକ୍ସ, ବ୍ଲକଚେନ୍ ଏବଂ ଜି.ଆଇ.ଏସ୍. ଆଦିର ପ୍ରୟୋଗ ମାଧ୍ୟମରେ ସୂଚନା ବିଜ୍ଞାନ କେନ୍ଦ୍ର ସରକାରଙ୍କର ବିଭିନ୍ନ ସେବାକୁ ଲୋକାଭିମୁଖୀ କରିପାରିଛି । ବ୍ୟାଙ୍କ ଜମାଖାତାକୁ ସିଧାସଳଖ ବେନିଫିଟ୍ ଟ୍ରାନ୍ସଫର ମାଧ୍ୟମରେ ସରକାରଙ୍କୁ ଜନସାଧାରଣଙ୍କୁ ଯୋଡ଼ିବାରେ ଏହା ସଫଳ ହୋଇପାରିଛି । ଆଗାମୀ ଦିନରେ ଅଧିକରୁ ଅଧିକ ସୂଚନା ବିଜ୍ଞାନ ଆଧାରିତ ସେବାକୁ ପ୍ରଦାନ କରିବା ଦିଗରେ ଏହି କେନ୍ଦ୍ରର ପ୍ରଚେଷ୍ଟାକୁ ରାଜ୍ୟପାଳ ସ୍ୱାଗତ କରିଥିଲେ । ଏହି ଅବସରରେ ଡକ୍ଟର ପବିତ୍ରାନନ୍ଦ ପଟ୍ଟନାୟକ, ସୁରେନ୍ଦ୍ର ନାଥ ବେହେରା, ମଳୟ କୁମାର ଦାସ, ମମତା ଖମାରୀ ଓ ମଳୟ କୁମାର ପଟ୍ଟନାୟକ ପ୍ରମୁଖ ବୈଜ୍ଞାନିକମାନେ ଉପସ୍ଥିତ ଥିଲେ ।